## ୯ କରୋନା ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ରବିବାର ୯ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୭, ଗଁଦିଆ ଏବଂ ଓଡ଼ାପଡ଼ାରୁ ଜଣେ ଲେଖାଏ ଅଛନ୍ତି। ଏହାକୁ ମିଶାଇ ମୋଟ ସକ୍ରିୟ ପଜିଟିଭ୍ ସଂଖ୍ୟା ୩୭ରେ ପହଞ୍ଚିଛି। ଏଥିସହ ଦିନକରେ ୬ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



**ସଂକ୍ଷେପରେ**

### ବିଜୟ ହତ୍ୟାକାଣ୍ଡ ପଛରେ ବ୍ୟକ୍ତିଗତ ଶତ୍ରୁତା

**ଢେଙ୍କାନାଳ ଅଫିସ, ୯।୧:** ଢେଙ୍କାନାଳ ସଦର ଥାନା ନମିଚିରା ଗ୍ରାମ ମଣ୍ଡପରେ ଶନିବାର ସନ୍ଧ୍ୟାରେ କଙ୍କଡ଼ାହାଡ଼ ପଞ୍ଚାୟତ ୪ନଂ. ୱାର୍ଡସଭ୍ୟା ଲିଲି ବେହେରାଙ୍କ ସ୍ୱାମୀ ବିଜୟ ବେହେରା ଓରଫ୍ ବିଜୁ (୪୭)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଚାଷ ବିବାଦ ଏବଂ ବ୍ୟକ୍ତିଗତ ଶତ୍ରୁତା ପାଇଁ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ତେବେ ଘଟଣାର ୨୪ ଘଣ୍ଟା ପରେ ବି ଅଭିଯୁକ୍ତ ଧରାପଡ଼ିନାହାନ୍ତି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ହତ୍ୟାକାଣ୍ଡ ଆଞ୍ଚଳିକ ରାଜନୀତିକୁ ସରଗରମ କରିଥିବାବେଳେ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୨୨/୨୨ରେ ଏକ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ବିକାଶ ବେଉରା କୁହନ୍ତି, ବ୍ୟକ୍ତିଗତ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଛି।

### ୫୦ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ

**ଭୁବନ, ୯।୧(ଡି.ଏନ୍.ଏ.):** ଭୁବନ ମହିଳା ଡିଗ୍ରୀ କଲେଜର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ନେଇ ଚାଲିଥିବା ୭ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୫୦ ଶିବିରାର୍ଥୀ ଲତାବିଲ, ଭଦଳିଆପଶି ଗ୍ରାମରେ କରୋନା ସଚେତନତା ସୃଷ୍ଟି କରିବା ସହିତ ପରିବେଶ ସ୍ୱଚ୍ଛ ରଖିବା ଲାଗି ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। କଲେଜର ଅଧକ୍ଷ ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସଚିବ ମାତୃପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେବାକୁ ପରମଧର୍ମ ଭାବେ ବିଚାର କରିବାକୁ ପରାମର୍ଶ ଦେଇଥିଲେ। ରାଜନୀତି ବିଜ୍ଞାନ ଅଧାପିକା ମମତା ପାତ୍ର, କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ନିରଞ୍ଜନ ନାୟକ, ଅଧାପକ ପ୍ରଶାନ୍ତ ରାଉତରାୟ ପ୍ରଶିକ୍ଷାର୍ଥୀଙ୍କ ମାର୍ଗଦର୍ଶନ କରାଇଥିଲେ। ଶେଷରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ମୋ କଲେଜ ଅଭିଯାନ କମିଟି ଗଠିତ

**ସାତମାଇଲ, ୯।୧(ଡି.ଏନ୍.ଏ.):** ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଅଡିଟୋରିୟମ୍ ପରିସରରେ ମୋ କଲେଜ ଅଭିଯାନର ନୂତନ କମିଟି ଗଠିତ ହୋଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ପୁରାତନ ଛାତ୍ର ପ୍ରିୟରଞ୍ଜନ ମାହନ୍ତ, ଉପସଭାପତି ପ୍ରଶାନ୍ତ ଜେନାମଣି, ସମ୍ପାଦକ ସୁଶାନ୍ତ ପତି, ସହ ସମ୍ପାଦକ ପରେଶ ମହାପାତ୍ର, କୋଷାଧକ୍ଷ ସତ୍ୟବ୍ରତ ଜେନାମଣିଙ୍କୁ ଚୟନ କରାଯାଇଛି। ମୁଖ୍ୟଅତିଥି ଭାବେ ଅଧକ୍ଷ ଅଶୋକ ସାହୁ ଯୋଗଦେଇ ମୋ କଲେଜ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ତଥା ମୋ କଲେଜ ଅଭିଯାନର ସଂଯୋଜକ ମୁରଲୀ କିଶୋର ଜେନାମଣି, ଇଂଲିଶ ବିଭାଗ ମୁଖ୍ୟ ଅଧାପକ ଦିଲୀପ ଗଡ଼ନାୟକ, ରାଜନୀତି ବିଜ୍ଞାନ ମୁଖ୍ୟ ଅଧାପକ ନିର୍ମଳ ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧାପକ ଜୟନ୍ତ ନାରାୟଣ ପତିଙ୍କ ସମେତ କଲେଜର ସମସ୍ତ ଅଧାପିକାଅଧାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

### ବାଙ୍କବିହାରୀଙ୍କ କୃତି ମନେରହିବ



**ଢେଙ୍କାନାଳ ଅଫିସ, ୯।୧:** ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟରେ ଶନିବାର ପୂର୍ବତନ ମନ୍ତ୍ରୀ ତଥା ସମାଜବାଦୀ ନେତା ସ୍ୱର୍ଗତ ବାଙ୍କବିହାରୀ ଦାସଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଯାଇଛି। ସଙ୍ଗଠନର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏଥିରେ ଅଧକ୍ଷତା କରି କହିଲେ, ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା ଭାବେ ବାଙ୍କବିହାରୀଙ୍କ କୃତି ସର୍ବଦା ମନେରହିବ। ମୁଖ୍ୟ ଅତିଥି ଭାବେ ପୂର୍ବତନ ସିବିଆଇ ଜଜ୍ ଭିକାରି ଚରଣ ରାଉତ, ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟଶାହାଣୀ, ସାମାଜିକ କର୍ମୀ ସରୋଜ ଶତପଥୀ, ପ୍ରଫେସର ଦିଲୀପ ନନ୍ଦ, ଡମ୍ବରୁଧର ପଣ୍ଡା, ଆତ୍ମପ୍ରକାଶ ପାଇକରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସୀମା ମୁକୁଳା, ଶିକାରୀ ସକ୍ରିୟ

ଢେଙ୍କାନାଳ ଅଫିସ, ୯।୧



- ବର୍ଷକରେ ଧରାପଡ଼ିଲେଣି ୧୦୦
- ଜବତ ହୋଇଛି ୫୦ରୁ ଊର୍ଦ୍ଧ୍ୱ ବନ୍ଧୁକ

ମୁକୁଳା ପଡ଼ିଛି ବିସ୍ତୀର୍ଣ୍ଣ ଜଙ୍ଗଲ ସୀମା। କୋର୍ ଏରିଆ ଉପରେ ନଜର ରଖିବାକୁ ନାହାନ୍ତି ଆବଶ୍ୟକ କର୍ମଚାରୀ। ଗୋଟିଏ ପଟେ ଚଢ଼ାଉ କରିବା ବେଳକୁ ଅପରପାର୍ଶ୍ୱରେ ଖସି ପଳାଉଛନ୍ତି ଶିକାରୀ। ସଂରକ୍ଷିତ ଜଙ୍ଗଲରେ ଅବାଧ ଶିକାର ହାତୀ ଭଳି ବିଶାଳକାୟ ପ୍ରାଣୀଙ୍କ ପାଇଁ ବିପଦ ସାଜିଥିବାବେଳେ ଏହାକୁ ନେଇ ଚିନ୍ତାରେ ପଡ଼ିଛି ଢେଙ୍କାନାଳ ଜିଲା ବନ ବିଭାଗ। ।

ଢେଙ୍କାନାଳ ଜିଲାର ସଂରକ୍ଷିତ ଜଙ୍ଗଲରେ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିଛି। ଏହା ସହିତ ହାତୀ ଏବଂ କଲରାପତିରିଆ ସଂଖ୍ୟାରେ ମଧ ବୃଦ୍ଧି ଘଟିଛି। ନିକଟରେ ନନ୍ଦିନିଆ ରିଜର୍ଭ ଫରେଷ୍ଟ ବାଘ କରିଡରରେ ସାମିଲ ହେବା ଜିଲାର ଗୌରବ ବଢ଼ାଇଛି। ଏଭଳି ସମୟରେ ବନ୍ୟପ୍ରାଣୀ ଶିକାରକୁ ନେଇ ଆସିଛି ଚିନ୍ତାଜନକ ତଥ୍ୟ। ଜିଲାର ମୋଟ ୮ ରେଞ୍ଜ୍ ମଧ୍ୟରୁ କପିଳାସ, ଷଡ଼ଙ୍ଗୀ ରେଞ୍ଜ୍ ଏବଂ ହିନ୍ଦୋଳ ରେଞ୍ଜ୍‌ରେ ସର୍ବାଧିକ ବନ୍ୟଜନ୍ତୁ ଶିକାର ହେଉଛି। ହିନ୍ଦୋଳ ରେଞ୍ଜ୍ ଅନ୍ତର୍ଗତ କନ୍ଧରା ସଂରକ୍ଷିତ ଜଙ୍ଗଲ ସୀମା କଟକ ଜିଲା ଆଠଗଡ଼, ବଡମ୍ବା ଓ ନରସିଂହପୁରକୁ ଲାଗି ରହିଛି। ଫଳରେ ବାହାର ଜିଲାର ଶିକାରୀ ଉକ୍ତ ନିଷିଦ୍ଧ ଅଞ୍ଚଳରେ ଅବାଧ ପ୍ରବେଶ କରୁଛନ୍ତି। ସେହିପରି କପିଳାସ ରେଞ୍ଜ୍‌ରେ ଦୀର୍ଘଦିନ ହେଲା ରେଞ୍ଜର ପଦବୀ ଖାଲି ପଡ଼ିଛି। ଫଳରେ ଏହା ଅଧୀନରେ ଥିବା କପିଳାସ ଅଭୟାରଣ୍ୟ ଏବଂ ଅନ୍ୟ ରିଜର୍ଭ ଫରେଷ୍ଟରେ ପାଟ୍ରୋଲିଂ ଧିମେଇଯାଇଛି, ଯାହାର ସୁଯୋଗ ନେଉଛନ୍ତି ମାଂସଲୋଭୀ ଶିକାରୀ। ବିଭାଗୀୟ କର୍ମଚାରୀଙ୍କ ହାତରେ ବର୍ଷକ ଭିତରେ ୧୦୦ ଅଭିଯୁକ୍ତ ଧରାପଡ଼ିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ବନ୍ଧୁକ ଜବତ ହୋଇଛି। ଗିରଫ ଶିକାରୀଙ୍କ ମଧ୍ୟରୁ କେବଳ କପିଳାସ ଅଭୟାରଣ୍ୟରୁ ୪୦ରୁ ଅଧିକ ଧରାପଡ଼ିଛନ୍ତି। ୨୫ରୁ ଊର୍ଦ୍ଧ୍ୱ ବନ୍ଧୁକ ମଧ ଜବତ ହୋଇଛି। ଏତଦ୍‌ବ୍ୟତୀତ ଭୁବନେଶ୍ୱର ଏସ୍‌ଟିଏଫ୍ ଭାପୁର ଅଞ୍ଚଳରେ ଚଢ଼ାଉ କରି ୯ ବନ୍ଧୁକ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଥିଲା। ଗତବର୍ଷ ଅକ୍ଟୋବରରେ ଭାପୁର ଫାଣ୍ଡି ଝୁଣ୍ଟୁଡ଼ିଆ ଗ୍ରାମରୁ ବନ୍ୟପ୍ରାଣୀ ଶିକାର ଲାଗି ଯୋଜନା କରାଯାଉଥିବାବେଳେ ପୋଲିସ ୫ ବନ୍ଧୁକ ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଥିଲା। ତଦନ୍ତ ସମୟରେ ଜବତ ବନ୍ଧୁକଗୁଡ଼ିକ ବନ୍ୟପ୍ରାଣୀ ଶିକାରରେ ବ୍ୟବହାର ହେଉଥିବା ସ୍ପଷ୍ଟ ହୋଇଥିଲା। ସେହିପରି ଦେଢ଼ବର୍ଷ ତଳେ କନ୍ଧରା ଜଙ୍ଗଲରେ ଶିକାରୀଙ୍କ ଗୁଳିମାଡ଼ରେ ଏକ ଦନ୍ତାହାତୀର ଜୀବନ ଯାଇଥିଲା। ଘଟଣାସ୍ଥଳରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ଉପରେ ଗୁଳି ଚଳାଇ ଅଭିଯୁକ୍ତମାନେ ଦାନ୍ତ ନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାର ଅଦ୍ୟାବଧି କେହି ଧରାପଡ଼ିନାହାନ୍ତି। ଶିକାରୀମାନେ ବାର୍ହା, ହରିଣ, କୁଟୁରା, ଶମ୍ବର ଭଳି ତୃଣଭୋଜୀଙ୍କୁ ଟାର୍ଗେଟ କରୁଛନ୍ତି। ବାହାରକୁ ଛାଲ, ମାଂସ ଚାଲାଣ କରାଯାଉଛି। ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଅନେକ ସମୟରେ ହାତୀଙ୍କ ଜୀବନ ମଧ ଯାଉଛି।

ଏ ସଂକ୍ରାନ୍ତରେ ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ସଂରକ୍ଷିତ ଜଙ୍ଗଲରେ ଶିକାର ରୋକିବା ପାଇଁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। କନ୍ଧରା ସଂରକ୍ଷିତ ଜଙ୍ଗଲରେ ୱାଚ ଟାୱାର ନିର୍ମାଣ କରାଯାଇଛି। ସେଠାରେ ବନ୍ଧୁକଧାରୀ କର୍ମଚାରୀ ୨୪ ଘଣ୍ଟା ପହରା ଦେଉଛନ୍ତି। କପିଳାସ୍ ରେଞ୍ଜ୍‌ରେ ଖୁବଶୀଘ୍ର ଜଣେ ସ୍ଥାୟୀ ରେଞ୍ଜରଙ୍କୁ ନିଯୁକ୍ତି ଦିଆଯିବା ପାଇଁ ବ୍ୟବସ୍ଥା କରାଯାଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ମହିଳାଙ୍କ ପାଇଁ ୨୯ ସରପଞ୍ଚ ପଦବୀ

ଢେଙ୍କାନାଳ ଅଫିସ,୯।୧

**ଗଁଦିଆ, ଓଡ଼ାପଡ଼ା ବ୍ଲକ**

ଢେଙ୍କାନାଳ ଜିଲାର ଗଁଦିଆ ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ୧୫ ଏବଂ ଓଡ଼ାପଡ଼ା ବ୍ଲକର ୨୮ ପଞ୍ଚାୟତ ମଧ୍ୟରୁ ୧୪ଟି ସରପଞ୍ଚ ପଦବୀ ବିଭିନ୍ନ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଫଳରେ ଉଭୟ ବ୍ଲକର ୨୯ ପଞ୍ଚାୟତର ଦାୟିତ୍ୱ ମହିଳାମାନେ ନିର୍ବାହ କରିବେ ବୋଲି ସ୍ପଷ୍ଟ ହୋଇଛି। ୨୦୧୧ ଜନଗଣନା ଅନୁଯାୟୀ ଗଁଦିଆ ବ୍ଲକର ମୋଟ ଜନସଂଖ୍ୟା ୧ଲକ୍ଷ ୫୨ହଜାର ୧୭୬। ସେଥିରୁ ଅନୁସୂଚିତ ଜାତି ୨୬,୨୪୮ ଏବଂ ଅନୁସୂଚିତ ଜନଜାତି ବର୍ଗର ୨୫,୨୭୫। ଚଳିତ ନିର୍ବାଚନରେ ସମିତି ଅଧକ୍ଷ ପଦବୀ ଅନୁସୂଚିତ ଜାତି ବର୍ଗ ଲାଗି ସଂରକ୍ଷିତ ରହିଛି। ପୋରୁହଖୋଜ, ବରଦା, ଗୁଣ୍ଡୁରାପଶି, ଲେଥକା, ସନ୍ଥପୁର, ଶୋରିଷିଆପଦା, ମଠତେନ୍ତୁଲିଆ, ବିଧାରପୁର, ବେଗା, ଷଡ଼ଙ୍ଗୀ, ଦେଓଗାଁ ପଞ୍ଚାୟତ ଅଣସଂରକ୍ଷିତ ରହିଛି। କାବେରା, କାଶୀପୁର, ମନ୍ଦାର, ଯୋରନ୍ଦା, ରତନପୁର, ରାଇତଳା, ଲାଉଲଇ, ଖଙ୍କିରା, ଗଁଦିଆ, ଦଶମାଣପାଟଣା, ଦିଗମ୍ବରପୁର, ନେଉଳପୋଇ ପଞ୍ଚାୟତର ସରପଞ୍ଚ ପଦବୀ ମହିଳାଙ୍କ ଲାଗି ନିର୍ଦ୍ଧାରିତ ରହିଛି। କରମୂଳ, ନିହଲପ୍ରସାଦ, ବାଇଶିଆଁ ଅନୁସୂଚିତ ଜାତି ମହିଳା, କାଲୁରିଆ, ଖଣ୍ଡବନ୍ଧ ଏବଂ ପିଙ୍ଗୁଆ ଅନୁସୂଚିତ ଜାତି ବର୍ଗ ଲାଗି ସଂରକ୍ଷିତ ରଖାଯାଇଛି।

ସେହିପରି ଓଡ଼ାପଡ଼ା ବ୍ଲକର ଜନସଂଖ୍ୟା ୧ଲକ୍ଷ ୪୩ହଜାର ୪୪୨। ତନ୍ମଧ୍ୟରୁ ୩୨,୧୭୯ ଅନୁସୂଚିତ ଜାତି ଏବଂ ୧୧,୬୭୨ ଅନୁସୂଚିତ ଜନଜାତି ବର୍ଗର। ବ୍ଲକ ଅଧକ୍ଷ ପଦବୀ ଅଣସଂରକ୍ଷିତ ରହିଛି। କମଳାଙ୍ଗ, କାଶିଆଡ଼ିହ, ସିମିନଇ, ଖୁଣ୍ଟଝରି, ଗଦାଶିଳା, ଗୁଣ୍ଡୁଦେଇ, ଶିବପୁର, କୋଉମ, ଘଟିପିରି, ବଦାଲୋ, ବିଡୋ ପଞ୍ଚାୟତର ସରପଞ୍ଚ ପଦବୀ ଅଣସଂରକ୍ଷିତ ରହିଛି। ନାଧରା, ନିମିଧା, ଇନ୍ଦିପୁର, ଓଡ଼ାପଡ଼ା, କାଣ୍ଡବିନ୍ଧା, ବଳରାମପ୍ରସାଦ, ମଙ୍ଗଳପୁର, ଗୁଣ୍ଡିଚାପଡ଼ା, ଗୋବିନ୍ଦପ୍ରସାଦ, କୁଶୁପଙ୍ଗା ପଞ୍ଚାୟତ ମହିଳାଙ୍କ ଲାଗି ନିର୍ଦ୍ଧାରିତ ଅଛି। କଳାଙ୍ଗ, ନୟାଭାଗୀରଥିପୁର, ବଳରାମପୁର ଅନୁସୂଚିତ ଜାତି ପାଇଁ ରହିଥିବାବେଳେ ବାଙ୍ଗୁରିସିଂହା, ମୋଟଙ୍ଗା, ଖଡଗପ୍ରସାଦ, ସଦାଶିବପୁର ଅନୁସୂଚିତ ଜାତି ମହିଳା ବର୍ଗଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

## ଟେକ୍ନୋଲୋଜି ସମ୍ପର୍କିତ ଆଲୋଚନା



କାମାକ୍ଷାନଗର, ୯।୧(ଡି.ଏନ୍.ଏ.)

ସରାଙ୍ଗ ଆଇଜିଆଇଟି କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ବିଭାଗ ତରଫରୁ ମେଶିନ ଲର୍ନିଂ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ, ବିଗ୍‌ଡାଟା ସମ୍ପର୍କିତ ଅନ୍ତର୍ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ବାଙ୍ଗାଲୋରସ୍ଥିତ ଆଇଆଇଏସ୍‌ସିର ପ୍ରଫେସର ଲଳିତ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ସମେତ ବିଭିନ୍ନ ଦେଶର ୭୮୯ ବୈଜ୍ଞାନିକ, ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ପ୍ରାଧ୍ୟାପକ, ବିଶେଷଜ୍ଞଙ୍କ ସମେତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୁର୍ଲା ଭିସୁଟର କୁଳପତି ପ୍ରଫେସର ବଂଶୀଧର ମାଝି ଟେକ୍ନୋଲୋଜିର ସାମ୍ପ୍ରତିକ ଧାରା, ମେଶିନ ଲର୍ନିଂ, ବିଗ୍‌ଡାଟା ଥିଓରି ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସତ୍ୟବ୍ରତ ମହାନ୍ତଙ୍କ ପରିଚାଳନାରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ. କେ. ଉଦ୍‌ଗାତା, ଆଇଜିଆଇଟି ପ୍ରଫେସର ଡ. ଶ୍ରୀନିବାସ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସରୋଜାନନ୍ଦ ମିଶ୍ର, ବିଭାଗୀୟ ମୁଖ୍ୟ ପ୍ରଫେସର ସସ୍ମିତା ମିଶ୍ର, ସହକାରୀ ପ୍ରଫେସର ସଞ୍ଜୟ ପାତ୍ରଙ୍କ ସମେତ କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗର ସମସ୍ତ ଅଧାପିକାଅଧାପକ ପରିଚାଳନାରେ ସହଯୋଗ କରିଥିଲେ।

## ଖୋର୍ଦ୍ଧା ରେଲ୍‌ୱେ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ପବିତ୍ରନଗର,୯।୧(ଡି.ଏନ୍.ଏ.)

ପବିତ୍ରନଗର ମିନିଷ୍ଟାଡିୟମରେ ଅନୁଷ୍ଠିତ ପବିତ୍ରନଗର କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ରେଲ୍‌ୱେ ପ୍ରଥମେ ବ୍ୟାଟିଂ କରି ୨୦୫ ରନ୍ କରିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୧୬୨ ରନ୍ କରି ପରାଜିତ ହୋଇଥିଲା। ସବ୍ୟସାଚୀ ସାହା ଓ ତ୍ରିନାଥ ସାମନ୍ତ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ବିଧାୟକ ମୁକେଶ ପାଳ, ମାନସ ପ୍ରଧାନ, ପଦ୍ମାକିସ ସିଂ, ଭଜମନ ପାଣି, ଅରୁଣାଭ ସିଂ, ପାଣ୍ଡବ ବିଶ୍ୱାଳ, ସରପଞ୍ଚ ବଂଶୀଧର ସାହୁ, ବ୍ଲକ ବିଜେଡି ସଭାପତି କୈଳାସ ସାହୁ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରିଥିଲେ। କ୍ଲବ ସଭାପତି ଶାନ୍ତନୁ ମଲ୍ଲିକ, ମାନସ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ନିଶାମୁକ୍ତ ସମାଜ ଗଠନ ସଂକଳ୍ପ




କାର୍ଯ୍ୟକ୍ରମରେ କାପୁଡ଼ିଆ ସମାଜର କର୍ମକର୍ତ୍ତାମାନେ।

ଭୁବନ, ୯।୧(ଡି.ଏନ୍.ଏ.)

ଭୁବନ ହିଙ୍ଗୁଳା ପୀଠରେ ରବିବାର କାପୁଡ଼ିଆ ସମାଜର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାସୋଳ, ବାଲିକିଆରି, ଷଡ଼ଙ୍ଗୀ, ଝାରଦା ଏବଂ ଭୁବନ ଅଞ୍ଚଳର ସମସ୍ତ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ନିଶାମୁକ୍ତ ରାଜ୍ୟ ଗଠନ ଲାଗି ସଂକଳ୍ପ ନେଇଥିଲେ। ରାଜ୍ୟ ସଭାପତି ବାସୁଦେବ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର ବିଭିନ୍ନ ସ୍ଥାନରେ ରହୁଥିବା କାପୁଡ଼ିଆ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରିବା ସହ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ନିଶାମୁକ୍ତି ଅଭିଯାନ ଜୋର୍‌ଦାର କରିବା, ସମ୍ପ୍ରଦାୟର ମୁଖ୍ୟପର୍ବ ଗହ୍ମା ପୂର୍ଣ୍ଣିମାକୁ ସାର୍ବଜନୀନ ଭାବେ ପାଳନ, ବୟୋଜ୍ୟେଷ୍ଠଙ୍କୁ ସୁରକ୍ଷା, କାପୁଡ଼ିଆଙ୍କୁ ଓବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା ଲାଗି ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ସଭାପତି ଖଗେଶ୍ୱର ନାୟକ, ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ, ରାଜ୍ୟ ଆଇନ ପରାମର୍ଶଦାତା ଆଇନଜୀବୀ ନବକିଶୋର ଗୁରୁ, ରାଜ୍ୟ ଉପଦେଷ୍ଟା ସନାତନ ପାତ୍ର, ରାମଚନ୍ଦ୍ର ରାଉତ ଆଲୋଚନାରେ ଭାଗ ନେଇଥିଲେ। ଜିଲା ଉପସଭାପତି ବିପିନ ବିହାରୀ ଦାସ, ଦିଲୀପ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଅଣସଂକ୍ରମିତ ରୋଗ ନିରୂପଣ ଶିବିର

ଢେଙ୍କାନାଳ ଅଫିସ, ୯।୧

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶନିବାର ଅଣସଂକ୍ରମିତ ରୋଗ ନିରୂପଣ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ଥିତପ୍ରଜ୍ଞ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଡା. ଅରବିନ୍ଦ ଶତପଥୀ, ଡା. ପ୍ରଶାନ୍ତ ସେଠୀ, ଡା. ସିଦ୍ଧାର୍ଥ ଶଙ୍କର ପତି, ଡା. ରାଜେଶ୍ୱର ନାୟକ, ସେକ୍ଟର ସୁପରଭାଇଜର ସନ୍ତୋଷ ବିହାରୀ ପ୍ରମୁଖ ଏହାର ପରିଚାଳନା କରିଥିଲେ। ମଧୁମେହ, ବ୍ଲଡ୍‌ପ୍ରେସର ଆଦି ପରୀକ୍ଷା କରାଯାଇ ୧୫୨ଜଣଙ୍କୁ ଔଷଧ ପ୍ରଦାନ କରାଯାଇଥିଲା।

## ଜାଲ୍ କରି ନେଇଗଲେ ୧୪.୩୨ ଲକ୍ଷର ମେଟାଲ

ଢେଙ୍କାନାଳ ଅଫିସ, ୯।୧

ଆପ୍ ମାଧମରେ ନକଲି କାଗଜପତ୍ର ପ୍ରସ୍ତୁତ କରି ନେଇଗଲେ ୩୦.୦୫ ମେଟ୍ରିକ ଟନ୍‌ର ମୂଲ୍ୟବାନ ବିଲେଟ୍ ମେଟାଲ। ଏଭଳି ଏକ ଠକେଇ ମାମଲାରେ ଢେଙ୍କାନାଳ ପୋଲିସ ୨ ଜଣଙ୍କୁ ଗିରଫ କରିବା ସହିତ ଟ୍ରକ୍ (ନଂ. ଓଡ଼ି ୦୫ ଜେଡ୍ ୧୦୯୫) ଜବତ କରିଛି। ତଦନ୍ତ ଚାଲିଥିବାରୁ ପୋଲିସ ଅଭିଯୁକ୍ତଙ୍କ ନାମ ସାର୍ବଜନୀନ କରିନାହିଁ। ଯାଜପୁର ଜିଲାର ଇନ୍‌ଫ୍ରା ଓ ଲଜିଷ୍ଟିକ ସଂସ୍ଥା ପ୍ରୋପ୍ରାଇଟର ଚିନ୍ମୟ ପାଲ ଗତ ୩ ତାରିଖରେ ବାଲିମୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, କେତେଜଣ ଅଭିଯୁକ୍ତ ଜାଲ ସିମ୍‌କାର୍ଡ ଏବଂ ଆପ୍ ବ୍ୟବହାର କରି ନକଲି କାଗଜପତ୍ର ପ୍ରସ୍ତୁତ କରିଥିଲେ। ରୁଙ୍ଗ୍‌ଟା କମ୍ପାନୀରେ ଏହି କାଗଜପତ୍ର ଦେଖାଇବା ସହିତ ଟ୍ରକ ନମ୍ବର ଜାଲ୍ କରି ୩୦.୦୫ ମେଟ୍ରିକ ଟନ୍ ବିଲେଟ୍ ମେଟାଲ ସୁନ୍ଦରଗଡ଼ ଜିଲା ବଣାଇକୁ ନେଇଯାଇଥିଲେ, ଯାହାର ମୂଲ୍ୟ ୧୪.୩୨ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ପୋଲିସ ତଦନ୍ତ କରି କଟକ ଜିଲା ନିଆଳି ଏବଂ ଓ ଦକ୍ଷିଣମୁଷା ଅଞ୍ଚଳର ୨ ଜଣଙ୍କୁ ଗିରଫ କରିଛି। ସେହିପରି ରାସୋଳ ଥାନା ଅଞ୍ଚଳରେ ଟ୍ରକ୍‌ରେ ଜାଲ୍ ନମ୍ବର ବ୍ୟବହାର କରି ୨୧ ମେଟ୍ରିକ୍ ଟନ କୋଇଲା ଚୋରାଚାଲାଣ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। କେତେଜଣ ଅଭିଯୁକ୍ତ ବିଭିନ୍ନ ଆପ୍, ସିମ୍‌କାର୍ଡ ମାଧମରେ ତଥ୍ୟ ସଂଗ୍ରହ କରି ପରିବହନରେ ଏଭଳି ଠକେଇ କରୁଛନ୍ତି। ଏଥିପ୍ରତି ସତର୍କ ରହିବାକୁ ପରିବହନ ସଂସ୍ଥା, ଟ୍ରକ୍ ମାଲିକ ଏବଂ କର୍ମଚାରୀଙ୍କୁ ପୋଲିସ ସଚେତନ କରାଇଛି।

## ମଦ ଜବତ, ୪ ଗିରଫ

ଅନୁଗୋଳ ଅଫିସ/ ଛେଣ୍ଡିପଦା,୯।୧

ଅନୁଗୋଳ ଜିଲା ଅବକାରୀ ମୋବାଇଲ ଟିମ୍ ରବିବାର ଛେଣ୍ଡିପଦା ଥାନା ଅଞ୍ଚଳରେ ଚଢ଼ାଉ କରି ଚୋରା ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାରୁଡ଼ିପ ଅଞ୍ଚଳର ବିପିନ ସେଠୀ, ନୂଆଗାଁର ବିମ୍ବାଧର ବେହେରା ଏବଂ ପାତ୍ରପଡ଼ାର ବାସନ୍ତୀ ସେଠୀ। ସେହିପରି ଅନୁଗୋଳ ସଦର ଏବଂ ଟାଉନ ପୋଲିସ ବଡ଼କଞ୍ଜିନୀ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ଲକ୍ଷ୍ମଣ ଧଳଙ୍କୁ ଗିରଫ କରିବା ସହ ଚୋରା ମଦ ଜବତ କରିଛନ୍ତି। ଏ ସଂକ୍ରାନ୍ତରେ ୪ଟି ମାମଲା ରୁଜୁ କରାଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ଆଜିଠାରୁ ଦିଆଯିବ ବୁଷ୍ଟର ଡୋଜ୍

ଅନୁଗୋଳ ଅଫିସ,୯।୧

**ଅନୁଗୋଳ ଜିଲାରେ ୪୪ କେନ୍ଦ୍ର ପ୍ରସ୍ତୁତ**

କୋଭିଡ୍ ସଂକ୍ରମଣ ବର୍ତ୍ତମାନ ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୦ ତାରିଖଠାରୁ ଅଗ୍ରାଧିକାର ଭିତ୍ତିରେ ସ୍ୱାସ୍ଥ୍ୟକର୍ମୀ, ଆଗଧାଡ଼ିର କର୍ମୀ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବହୁବିଧ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ପ୍ରତିଷେଧାତ୍ମକ ବୁଷ୍ଟର ଡୋଜ୍ ଦିଆଯିବ। ଅନୁଗୋଳ ଜିଲାରେ ଏଥିପାଇଁ ୪୪ଟି କେନ୍ଦ୍ର କରାଯାଇଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ମଧ୍ୟରେ ଏହି ଟିକାକରଣ କରାଯିବ। ଏଥିପାଇଁ ରବିବାରଠାରୁ ପୋର୍ଟାଲରେ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି। ଅନୁଗୋଳ ପୌରପାଳିକା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଟାଉନ ହଲରେ ବ୍ୟବସ୍ଥା କରାଯାଇଛି। ସେହିପରି ତାଳଚେର ପୌରପାଳିକା ପାଇଁ ରେମୁଆଁମୁଣ୍ଡା ସାହି, ଦେଉଳବେଡ଼ା, ବଡ଼ଦାଣ୍ଡସାହି ଅଙ୍ଗନୱାଡ଼ି କେନ୍ଦ୍ର, ଥାନା ସାହି ପ୍ରାଥମିକ ବିଦ୍ୟାଳୟ ସ୍ଥିର କରାଯାଇଛି। ଅନୁଗୋଳ ବ୍ଲକ ପାଇଁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଖଲାରୀ ପଞ୍ଚାୟତ କାର୍ଯ୍ୟାଳୟ, ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟ ଓ କାଙ୍ଗୁଲା ପ୍ରାଥମିକ ବିଦ୍ୟାଳୟରେ ବ୍ୟବସ୍ଥା ହୋଇଛି। ବଆଁରପାଳ ବ୍ଲକ ପାଇଁ ବଡ଼ହିଂସର ପଞ୍ଚାୟତ କାର୍ଯ୍ୟାଳୟ, କୁଲାଡ଼ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ଗିରିଧିବାସିଆ ପ୍ରାଥମିକ ବିଦ୍ୟାଳୟ, ସିପିପି ମୁଣ୍ଡାହଟିଂ ପ୍ରାଥମିକ ବିଦ୍ୟାଳୟ ଓ ବଆଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିର କରାଯାଇଛି। ଛେଣ୍ଡିପଦା ବ୍ଲକ ପାଇଁ କତଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଭାବଗ୍ରାହୀପୁର କୋଠଘର, ପରା ଅଙ୍ଗନୱାଡି କେନ୍ଦ୍ର, ଓଗି ଅଙ୍ଗନୱାଡି କେନ୍ଦ୍ର, ଡୁକୁଡ଼ା ପାଣପଦା ପ୍ରାଥମିକ ବିଦ୍ୟାଳୟ, କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜରପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିର କରାଯାଇଛି। ପାଲଲହଡ଼ା ବ୍ଲକ ପାଇଁ ଝିମିରିପାଲି ପ୍ରାଥମିକ ବିଦ୍ୟାଳୟ, ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଝାରବେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରେଙ୍ଗାଳିମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ଓ ଇଞ୍ଜିଡି ପଞ୍ଚାୟତ କାର୍ଯ୍ୟାଳୟରେ ବ୍ୟବସ୍ଥା ହୋଇଛି। କିଶୋରନଗର ବ୍ଲକ ପାଇଁ ଅଙ୍ଗପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଘୁଷର ପ୍ରାଥମିକ ବିଦ୍ୟାଳୟ, ନୂଆକୁମୁରିସିଂହା କୋଠଘର ଓ ଗୋବିନ୍ଦପୁର ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥିର କରାଯାଇଛି। ଆଠମଲ୍ଲିକ ବ୍ଲକ ପାଇଁ ନୂଆଗଡ଼ ଅଙ୍ଗନୱାଡ଼ି କେନ୍ଦ୍ର, କୁରୁମଟାପ ପଞ୍ଚାୟତ କାର୍ଯ୍ୟାଳୟ, କୁସୁମଧରା କୋଠଘରେ ବ୍ୟବସ୍ଥା ରହିଛି। ତାଳଚେର ବ୍ଲକ ପାଇଁ ବନ୍ତୁଲ ପଞ୍ଚାୟତ କାର୍ଯ୍ୟାଳୟ, ବଡ଼ଯୋରଡ଼ା କଲ୍ୟାଣ ମଣ୍ଡପ, ଧରମପୁର ପ୍ରାଥମିକ ବିଦ୍ୟାଳୟ ଓ ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିର କରାଯାଇଛି। କଣିହାଁ ବ୍ଲକ ପାଇଁ ଟିପୋ ପ୍ରାଥମିକ ବିଦ୍ୟାଳୟ, ରଙ୍ଗବେଡ଼ା ହଟିଙ୍ଗ ଓ କୁଲୁମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ଦେବାର ବ୍ୟବସ୍ଥା କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପ୍ରକାଶ କରିଛନ୍ତି।

### ୨୨ ପଜିଟିଭ୍ ଚିହ୍ନଟ



ଅନୁଗୋଳ ଜିଲାରୁ ରବିବାର ୨୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୬୧୦ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଆଁରପାଳ ବ୍ଲକରୁ ୧୦, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୭ ଓ ଅନୁଗୋଳ ପୌରାଞ୍ଚଳରୁ ୫ ଜଣ ରହିଛନ୍ତି। ସେହିପରି ରବିବାର ୧୫୯୬ ଜଣ କିଶୋରୀକିଶୋରଙ୍କୁ ଟିକା ଦିଆଯାଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି।

## ମାତାପିତାଙ୍କ ସେବା ସବୁଠୁ ବଡ଼



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ବୟୋଜ୍ୟେଷ୍ଠମାନେ।

ଢେଙ୍କାନାଳ ଅଫିସ, ୯।୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ବଳରାମପୁର ଗ୍ରାମ ପରିଚାଳନା ପରିଷଦ ପକ୍ଷରୁ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ସକ୍ରିୟ ନାଗରିକ ପରିଷଦର ସଭାପତି ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତାପିତାଙ୍କ ସେବା ଈଶ୍ୱରଙ୍କଠାରୁ ବଡ଼ ବୋଲି ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ସରୋଜ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶତାୟୁ ଜୟାନନ୍ଦ ପାତ୍ର, ବରିଷ୍ଠ ଶିକ୍ଷାବିତ୍ ମାୟାଧର ମାଝି, ରାମଚନ୍ଦ୍ର ପାତ୍ର, ହୃଦାନନ୍ଦ ରାଉତ, ସାରଙ୍ଗଧର ପାତ୍ର, ପଙ୍କଜ ଲୋଚନ ପାତ୍ର, ବ୍ରଜକିଶୋର ତ୍ରିପାଠୀ, ସୁଧାକର ଜେନା, ଅଭିମନ୍ୟୁ ନାୟକ, ଚନ୍ଦ୍ରଶେଖର ମାଝି, ଚିନ୍ତାମଣି ସେଠୀ, ଶ୍ରୀଧର ପରିଡ଼ା, ନିରଞ୍ଜନ ନାୟକ, ମଧୁସୂଦନ ନାୟକ, ଶରତ ଚନ୍ଦ୍ର ପ୍ରଧାନ, ନିଗମାନନ୍ଦ ପାତ୍ର, ପରମାନନ୍ଦ ପରିଡ଼ା, ଚାରୁଲତା ପାତ୍ର, ଅହଲ୍ୟା ଖୁଣ୍ଟିଆ, କୁନା ଖଟୁଆ, ଚତୁରୀ ସାହୁ, ମାଧୁରୀ ପାତ୍ରଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଗୀତାରାଣୀ ଦଳେଇ ବୟୋଜ୍ୟେଷ୍ଠଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପରିଷଦ ସଭାପତି ଅମ୍ବିକା ପ୍ରସାଦ ଜେନାଙ୍କ ଅଧକ୍ଷତାରେ ସମ୍ପାଦକ ସୁଶାନ୍ତ କୁମାର ଧଳ ସଭା ପରିଚାଳନା କରିଥିଲେ। ସମାଜସେବୀ ସରୋଜ ପରିଡ଼ା, ଜୟନ୍ତ ଧଳ, ପ୍ରକାଶ ଚନ୍ଦ୍ର ପାତ୍ର, ବବିତା ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

